

କଥା ସାହିତ୍ୟ

ଚିଠି

କବି ରଘୁନାଥ ଦାସ

ଗାଁ ଗୋପୀ ବାରିକର ମା ବୁଢ଼ୀ, ସ୍କୁଲ କଲେଜ ପାଠପଢୁଆ ବାବୁ ଆପଣଙ୍କ ପାଖରେ ଦୀର୍ଘ ଏକ ଅନୁରୋଧ ନେଇ ପହଞ୍ଚେ-'ଗୋପିଆ ମୋର କୋଲକତାରୁ ଭାଷା ନେଖିଛି। ଆପଣ ପଢ଼ି ଶୁଣାନ୍ତୁ-'

ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଚରଣେ ଶରଣ। ନେଖିବାର କାରଣ ଏହିକି ଯେ-ଆମ୍ଭର କୁଶଳକୁ ନୀଳାଚଳ ଗୋସେଇଁ ବିଜେ ଅଛନ୍ତି। ତୁମ୍ଭର କୁଶଳକୁ ଶ୍ରୀ ଶ୍ରୀ ଶ୍ରୀ ରଘୁନାଥ ମହାପ୍ରଭୁ ସର୍ବଶୁଭରେ ଘଣ୍ଟଘୋଡ଼ାଇ ରଖିଥିବେ।

ଏ ମଙ୍ଗଳା ଚରଣ ପରେ ଆସେ ଗୋପିଆର ଶତ ସହସ୍ର କୋଟି ମୁଣ୍ଡିଆ,ଗ୍ରାମ ଦେବତୀଙ୍କଠାରୁ ଆରମ୍ଭ କରି ମଇତ୍ରଙ୍କ ଆଈ ବୁଢ଼ୀ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ଆଉ ବି ଗାଁ ଯାକର ପିଲାପିଚିକାଙ୍କୁ ଜଣ ଜଣ କରି କଲ୍ୟାଣ । ଏହିଥିରେ ଦୀର୍ଘ ଚାରି ପୃଷ୍ଠାର ଚିଠି ଶେଷ ହୁଏ ।ବୁଢ଼ୀ ଶୁଣି ବଡ଼ ସନ୍ତୋଷରେ 'ବୁଢ଼ା ହେଉଥା' ବୋଲି ଆପଣଙ୍କୁ ଆନ୍ତରିକ ଆଶୀର୍ବାଦ କରି ଘରକୁ ଫେରେ । ପଛରେ ବୋଧହୁଏ ଆପଣ ମୁରୁକି ମୁରୁକି ହସନ୍ତି। ଏତେ ଚିଠିଟାରେ ସେ ଲେଖିଲା କ'ଣ? ହସ ମାଡ଼ିବାର କଥା, ନା? ହାଃ,ହାଃ, ହାଃ।

ଆପଣ ମନଇଚ୍ଛା ହସି ପାରନ୍ତି- ଗୋପିଆକୁ ନିପଟ ଓଲୁ ଠଉରେଇ ପାରନ୍ତି।କିନ୍ତୁ ଗୋପିଆ ବେଅକଲ ନୁହେଁ- ଏଇଟା ସତ । ତାର କାମଟି ଯେତେ ସୁବିଧାରେ ସହଜରେ ସେ ତୁଲେଇଛି ତା ହୁଏତ ଆପଣ ପାରିନଥାନ୍ତେ, ମୋ କଥା ଛାଡ଼ନ୍ତୁ ,କଅଣ ବା ଲେଖନ୍ତା ? କଲିକତା ଏତେ ବଡ଼, ତା ଗାଁ ଠାରୁ ଏତେ ଫରକ ଯେ ଚିଠିରେ ସେ କଥାଟା ଲେଖିବାଟା ନିହାତି ଅପସନ୍ଦିଆ ହୁଅନ୍ତା । ବୁଢ଼ୀ ତ ତା ଜୀବନରେ ଦୀପଠୁ ଉଜ୍ଜ୍ୱଳ ଆଲୁଅ ଦେଖିଛିକି ନାହିଁ, ବିଜୁଳିବତୀ ବିଷୟ ତା ପାଖକୁ ଲେଖ ପୁଅ ସୁଆଗି ବୁଢ଼ୀ ମନ ସିନା ହନ୍ତସନ୍ତ କରିବା କଥା ଖାଲି! ସେଥିରୁ ବି ସେ କି ପାଇବ? ଗାଁ ଆଉ କୋଲକତା ଦୁଇଟା ଭିତରେ ଏତେ ଫାଙ୍କ, ଦୁଇଟା ଅଭିଜ୍ଞତା ଏତେ ପୃଥକ ଯେ ବୁଢ଼ୀର ସବୁଠାରୁ ବିରାଟ କଳ୍ପନା ବି କୁଂପାନୀ କଳର ରୂପରେଖ ଦେଇପାରିବ ନାହିଁ। ତେବେ ସେ ଲେଖିବ କ'ଣ? ଅଥଚ ଲେଖିବାକୁ ହେବ। ବୁଢ଼ୀ ଚାତକ ପରି ଚାହିଁ ବସିଚି-ନିତି କାଉକୁ ଚାଉଳ ଦଉଚି। ତା'ର ଏ ବିରାଟ ଆଶାକୁ ପୁଅ ଯଦି ତେନ୍ତୁଳି ପତ୍ର ଭଳି ଏତିକି ଟିକିଏ ଭାଷା ଦିଏ, ବୁଢ଼ୀ ସିନା କରମ କଚାଡ଼ି ମରିବ?କିଏ ଏ କଲିକତିଆ ଚିଠିକି ହସୁ ପଛକେ, ମୁଁ ବରାବର ବାହାବା କରିବି। କାହିଁକି କୋଉଠି ରହି ତୁଚ୍ଛା ପ୍ରଣାମଟାରେ ସେ ତ ଗାଁଟା ଯାକର ସହାନୁଭୂତି କିଣି ନେଲା। ମା' ବୁଢ଼ୀର ହାନିଲାଭକୁ ସେଇଟା କେଡ଼େ ସାହା ଗୋପିଆ ବୁଝେ ତା ମା' ବୁଝେ। ଲେଖିବାର ସେଇ କୌଶଳ ଟିକକ ଆମର ନାହିଁ ବୋଲି ତ ବରଷ ଦିଟା ସହରରେ ରହିବା ପରେ ଆଉ ତମ ଭଳିଆ ବାବୁ ଭାୟା ନିଜ ଗାଁରେ କୁଣିଆ ତଳେ ଗଣା ହେଉ। ଗୋପିଆ ମନରେ ଗାଁର ସମାଜ ବଞ୍ଚି ରହିଚି, ଗାଁର ସଭିଙ୍କ ପାଖରେ ଗୋପିଆ ଜିଇଁଚି।

ସେ ସବୁ ବିଚାର ଛାଡ଼ିଦେଲେ ବି ଚିଠିଟା ପୂରଣ କରିବା ଯେ ନିହାତି ମୁସ୍କିଲ୍ ସେ କଥା । ମୁଁ କହୁନାହିଁ; ପଇସା ଦେଇଚେଁ ବୋଲି ଡାକପିଅନ ଉପରେ କଥା ପଡ଼ିଚି ଚିଠି ଯଦି ନିହାତି ଛୋଟ ହୁଏ, ପାଇବା-ାମୋରି କଥା କହୁଚି,

Powered by Tekons



କଥା ସାହିତ୍ୟ

ଚିଠି

କବି ରଘୁନାଥ ଦାସ

କଲେଜରେ ପଢୁଥିବା ବେଳେ ବାପାଙ୍କ ତାଗିଦା ଚାରିଦିନରେ ଖଣ୍ଡେ ଚିଠି ଦେବୁ। ଚାରିଦିନରେ ବା କି ବିଶିଷ୍ଟ ଖବର ଅଛି, ମୁଁ ଲେଖିବି? ଏଇ ଚିଠି ଲେଖିବାଟା ମୋ ପକ୍ଷରେ ସବୁଠାରୁ କଷ୍ଟକର ବିଷୟ ହୋଇ ଉଠିଲା। ରୀତିମତ ଏକ ସମସ୍ୟା। "ମୋର ଏଠାରେ ସବୁ ଭଲ।"ବାସ୍ ପାଠ ଶେଷ। ଆଉ ସେଣିକି ? ଦେଶ ବିଦେଶର ଖବର ଅନ୍ତ ଚିଠିରେ ଲେଖି ବା ଲାଭ କ'ଣ? ଖବରକାଗଜ ତ ଆଗେ ଜଣାଇବ- ଆମର ଏ ସୃଷ୍ଟିତତ୍ତ୍ୱ ଆଇ ଘନ-ଜ୍ୟାମିତି ବିଷୟ ତ ବାପାଙ୍କ ପାଖକୁ ଲେଖି ହବ ନାହିଁ। ତେବେ?ବହୁ ଚିନ୍ତା ପରେ ଶେଷକୁ ପାଖର ଗୋଳମାଳ-ପତ୍ର ଲେଖକ ମନରେ ଆଶାର କ୍ଷୀଣ ରେଖା ସଂଚାର କରେ । କିନ୍ତୁ ତା ବି କ୍ଷଣିକ୍ । ସେତେବେଳେ ମନେହୁଏ, ଆମ ଏ ଦେଶଟା ବିଲାତ ହୋଇଥାନ୍ତା କି- ,ଘଡ଼ିଏ ଖରା ,ଘଡ଼ିଏ ବର୍ଷା,ଘଡ଼ି ଘଡ଼ିକେ ଆନ। ଧର, ସେ ବିଷୟ ଲେଖିଲେ, ସେ ବି କେତେ? ମଣିଷକୁ ଏ ସମସ୍ୟାରୁ ଅବ୍ୟାହତ ମିଳିବା ଲାଗି ଘରେ ଜଣେ କେତେ ବେମାର ପଡ଼ିଥାନ୍ତେ କି? ଅଗତ୍ୟା ଲେଖିବାକୁ ପଡ଼େ 'ଏଥର ଫସଲ କିପରି ହୋଇଛି? କି ମୁସ୍କିଲ୍ ପାଠ ଏ ଚିଠି ଲେଖିବା!! ତୁମେ ଚିଠିର ପ୍ରଥମେ ସେ କଥା ଲେଖି ପାରିବ ନାହିଁ, ଯଦି ଓ ଚିଠି ଲେଖିବାର ଏକମାତ୍ର କାରଣ ସେଇୟା । ବାପା କାଳେ ଭାବିବେ ତାଙ୍କ ସହିତ ପୁଅର ସମ୍ବନ୍ଧ କେବଳ ଏଇ ଟଙ୍କା ନେଣ ଦେଣରେ । ତମର ଯଦି ବାପାଙ୍କ ମାନସିକ ପ୍ରତିକ୍ରିୟା ପ୍ରତି କିଛି ହେଲେ ସମ୍ମାନ ଥାଏ, ତେବେ ଚିଠିର କଳେବଳେ ଏ କ୍ଷେତ୍ରରେ ଅପେକ୍ଷାକୃତ ଦୀର୍ଘତର କରିବାକୁ ହିଁ ହେବ;ଆଉ ତାରି ଭିତରେ ଆତି ସତର୍କତା ପୂର୍ବକ ଓ କୌଶଳ ସହକାରେ ଏକ ଅପ୍ରଧାନ ଅଙ୍ଗରୂପେ ଟଙ୍କା ପଠାଇବାର ଅନୁରୋଧଟା ଯୋଡ଼ିବାକୁ ହେବ। ପୁଣି ବାପାଙ୍କ ପାଖକୁ ଚିଠି ସମ୍ମାନର ସଂକୀର୍ଣ୍ଣ ଚତୁଷ୍କୋଣ ମଧ୍ୟରେ ରହିବା ନିତାନ୍ତ ଲୋଡ଼ା । ସେଥିରେ ତ ତମେ ଆଉ ଚଳଚ୍ଚିତ୍ରର କୌଣସି ଛବିର ଜନୈକା ନର୍ତ୍ତକୀର ଭାବଭଙ୍ଗୀର ପ୍ରଶଂସା କରିପାରିବ ନାହିଁ ବା କୌଣସି ପ୍ରାକୃତିକ ଦୃଶ୍ୟର ଉଚ୍ଛୁସିତ ବର୍ଣ୍ଣନା ଦେଇପାରିବ ନାହିଁ । ତେବେ ଲେଖିବାର ଏତେ ବିଷୟ ଆସିବ କୁଆଡୁ ?ବାପା ପୁଅର ଏ ବିଷୟ କଷଣ ବୁଝନ୍ତେ ଟିକିଏ ଭଲା ।

ପ୍ରେମପତ୍ର। ମଧୁନିନ୍ଦି ମଧୁର। ପ୍ରେମିକର ଶ୍ରେଷ୍ଠ ଜୟବଟୀକା, ପ୍ରେମିକାର ବିପୁଳତମ ସଂପଦର ଦାମୀ ଦଲିଲ। ତାରି ପ୍ରତୀକ୍ଷାରେ ଜଣେ ଅନ୍ୟମନସ୍କ । ଅପରର ମୁଣ୍ଡ ଗରମ କ'ଣ ବା ଲେଖିବ? ପ୍ରିୟାକୁ ତୁମେ ତୁମର ପ୍ରେମର ଅନାବିଳତା ଓ ପ୍ରଖରତା ବିଷୟ ତ ଜଣାଇ ପାରିବ। ତା'ପରେ? ମୁଁ ଭଲପାଏ, ମୁଁ ଭଲପାଏ ବୋଲି ଦଶହଜାର ଥର ଲେଖିଲେ ପ୍ରେମ ତ ଅଧିକ ହେବ ନାହିଁ ବରଂ ଅନ୍ୟଥା ତୁମେ କୌଣସି ନାରୀର ପ୍ରଶଂସା କରି ପ୍ରିୟାଙ୍କ ପାଖକୁ ଲେଖିବା ବିପଜ୍ଜନକ। କୌଣସି ବନ୍ଧୁ ବିଷୟ ନେଇ (ସମସ୍ତେ ତ ଯୁବକ) ଆଲୋଚନାରେ ଭୁଲ୍, ଆପଣାର ପ୍ରେମରେ ପ୍ରତିଦ୍ୱନ୍ଦୀ ଛିଡ଼ା କରିବା। ଅନୁରାଗରେ ଏକ ତାରରେ କିଏ କି ସଂଗୀତ ତୋଳିବ ଅବା, କୋକିଳର ଲଳିତ ମୂର୍ଚ୍ଛନାମୟ ଏକ ପଦର ସହସ୍ର ଆବୃତି କର୍ଣ୍ଣକୁ ଏତେ ଅପ୍ରୀତିକର ଯେ ପିଲା ବି ତାକୁ ଖତେଇ ହୁଅନ୍ତି। ହାୟ ବିଚାରା ପ୍ରେମ-ସୌଦାଗର। ମୁଁ ଯେବେ କି ଭାବ କରିନାହିଁ;ତେବେ ଖାଲି ଏହି ଦୁଷ୍କର ବ୍ୟାପାରର ସମ୍ମୁଖୀନ...ହୋଇ ଦୁନିଆର ଯେତେ ପ୍ରେମପତ୍ର ସେସବୁର ଭାବ ଓ ପ୍ରକାଶ ଭଙ୍ଗା...ଗତାନୁଗତିକ,ନୀରସ ବିଚିତ୍ରତା ହୀନ ଯେ କୌଣସି ପ୍ରେମିକ...ରୋନିଓ କରାଇ ନେଇ ପ୍ରତି ତିନିଦିନରେ ଖ ମାରି ପ୍ରିୟା ପାଖକୁ ପଠାଇପାରନ୍ତା। ଏଥିରେ ପୁଣି ଏଇ ପ୍ରେମପତ୍ରସବୁ ଚୋରାଇବା ପାଇଁ ଅପ୍ରେମିକ ସବୁ ଆଉ ନବ

Powered by Tekons



ଚିଠି

କବି ରଘୁନାଥ ଦାସ

ପ୍ରେମିକମାନେ ପ୍ରିୟାର ଲେଖାକୁ ଯୋଉ ଆଗ୍ରହରେ ବନ୍ଧୁମାନଙ୍କ ଆଗରେ ପଢ଼ାନ୍ତି!!

ଏସବୁ ଝିନ୍‌ଝଟ୍ ନାହିଁ ବୋଲି ବ୍ୟବସାୟ ଚିଠିପତ୍ର ମୋର ପସନ୍ଦକୁ ଆସେ। ଯେତିକି ଦରକାର ସେତିକି ଲେଖା-କି ମୁକ୍ତି, ପତ୍ର ଲେଖକକୁ ,ପତ୍ର ପାଠକକୁ। ବ୍ୟକ୍ତିଗତ ଚିଠି ବୋଲି ବେଳେ ବେଳେ ଖଣ୍ଡେ ଖଣ୍ଡେ ଛୋଟ ପୁସ୍ତିକା ଆସି ପହଞ୍ଚେ। ସେ ସବୁ ପଢ଼ିବାକୁ କାହାର ବା ଧୈର୍ଯ୍ୟ ରହିବ? ମୋ ପାଖକୁ ଏହିପରି ଯେତେ ଚିଠି ଆସିଛି, ମୁଁ ସେସବୁ ଭାଗବତ ପଢ଼ିଲା ପରି ନିତି ପୃଷ୍ଠାଏ ପଢ଼େ। ବ୍ୟବସାୟ ଚିଠି ଗୁଡ଼ିକ କିନ୍ତୁ ଯେତେ ଛୋଟ ଆକାରରେ ଲେଖାଯାଇ ପାରେ ସାବଧାନ ସହକାରେ ସେସବୁର କଳେବର ସେତିକି ରଖାଯାଇଥାଏ। ତହିଁର ପ୍ରକାଶ୍ୟ ସବୁ କ୍ଷେତ୍ରରେ ଖୋଲାଖୋଲି ନ ହେଲେ ବି ପାଠକକୁ ସ୍ପଷ୍ଟ ଓ ପ୍ରାଞ୍ଜଳ। ତାର ଦୋଷ ଭିତରେ ଏତିକି କହିପାରନ୍ତି, ସେଗୁଡ଼ାକ ବଡ଼ ମାମୁଲି ଧରଣର ଲେଖା । ମାନୁଛି, ସେମାନେ ବ୍ୟବସାୟ ଅନୁରୋଧରେ ମାମୁଲି ଭଦ୍ରତାର ଆଶ୍ରୟ ନେଇଥାନ୍ତି-ହଜାର ଲୋକଙ୍କ ପାଖକୁ ଏକ ଛପା ଫରମ୍‌ରେ ଲେଖନ୍ତି, "ଆପଣଙ୍କ ଚିଠି ପାଇ ଆମ୍ଭେମାନେ ବିଶେଷ ଖୁସି ହେଲୁ, ଆପଣଙ୍କ ଅର୍ଡ଼ର ପୂରଣ କରିବାକୁ ଆମେ ସ୍ବତନ୍ତ୍ର ଭାବେ ଦେଖାଦେଖି କରିବୁ, ଆପଣଙ୍କଠାରୁ ଶୀଘ୍ର ସଦୟ ଜବାବ ପାଇବା ଲାଗି ଆମ୍ଭେମାନେ ଅତିଶୟ ଉତ୍କଣ୍ଠିତ।"ଏଗୁଡ଼ିକ ମିଛ, ଡାହାମିଛ। ଆପଣଙ୍କ ପତ୍ର ସେ ମୋଟେ ପଢ଼ିନାହିଁ, ପଢ଼ିଛି କୌଣସି କିରାଣୀ, ତା ବି ଚିଠିରୁ ଚଉଠେ । ସେଥିରେ କୌଣସି ଲୋକ ଖୁସି ହୋଇନାହିଁ, ବରଂ ବିରକ୍ତ ହୋଇଛି। ତାର କାମ ବଢ଼ିଗଲା । କିନ୍ତୁ ଆପଣ ଯେପରି ଅପମାନିତ ନ ହୁଅନ୍ତି ସେଥିପାଇଁ ସେମାନେ କେଡ଼େ ହୁସିଆର । ଜବାବ ଦେବାରେ କି ତତ୍ପର । ଆପଣଙ୍କ ଚିଠି ବିଷୟରେ କି ସାବଧାନ ସେମାନେ, ନମ୍ବର,ତାରିଖ...। ଏସବୁ ତ ବ୍ୟବସାୟର ମାମୁଲି ଭାଷାରେ ଫୁଟାଏ ବ୍ୟକ୍ତିଗତ ଆଗ୍ରହ। ଅପର ପକ୍ଷରେ ବ୍ୟକ୍ତିଗତ ଚିଠି ବୋଲି ବାପ ଭାଇ ଓ ପ୍ରିୟାପ୍ରୀତିଙ୍କ ପାଖକୁ ଯୋଉ ଭାଷା ଆମେ ଦେଉ, ସେ ସବୁ କି ମାମୁଲି। ଲେଖିବାରେ ସତର୍କତାର ଏକାନ୍ତ ଅଭାବ, ଶୈଳୀ ବିଲ୍‌କୁଲ୍ ନାହିଁ, ବିଷୟରେ ବୈଚିତ୍ର୍ୟ କଥା ତ କହିଲି।

କେହି ଯେପରି ମୋତେ ଭୁଲ୍ ନଭାବନ୍ତି; ମୁଁ ବ୍ୟକ୍ତିଗତ ଚିଠି ଲେଖିବାରୁ କାହାରିକି ବିରତ କରୁନାହିଁ। ମଣିଷର ଅଳସ ସମୟଟା କଟାଇବାକୁ ଚିଠି ତ ଗୋଟାଏ ପ୍ରଧାନ ଅବଲମ୍ବନ ଆମର ଏ ପାଠ ପଢୁଆଣୀ ଗୃହିଣୀମାନେ ତ ଘରର କାମଦାମ ନକରିବାକୁ ଆଠ ଦଶବର୍ଷ ଲେଖାଁ ସ୍କୁଲରେ ଶିକ୍ଷା, କଲେଜରେ ଉଚ୍ଚଶିକ୍ଷା, ସମାଜରେ ଉପାଧି ପାଇଲେ।ତାଙ୍କର ସମୟଟା ପୁଣି କୌଣସି ମତେ କଟିବ? କବିତା ଲେଖିବାକୁ ଥରେ ଅଧେ ଚେଷ୍ଟା କରି 'କାନନ' ସହିତ ପଦ ପଡ଼ିବାକୁ ଶବ୍ଦ ନ ମିଳିବାରୁ ତାକୁ ଛାଡ଼ିଲେ। ଶେଷରେ ଏ ଚିଠି ଲେଖା ଧଇଲେ। ତାକୁ ପୁଣି ଯଦି ଆପଣ ପ୍ରେମ ବିରୋଧରେ, ଈର୍ଷାରେ ରୋକନ୍ତି, ତେବେ ଆପଣଙ୍କ ସହିତ କଜିଆ ସିନା ଏକମାତ୍ର ଅବଲମ୍ବନ ହେବ।

ଚିଠିରେ ଚିଠି ଅଛି, ସୁଖ ଚିଠି, ଦୁଃଖ ଚିଠି , ମିଠା ଚିଠି, ପିତା ଚିଠି, କଅଁଳ ଚିଠି ଓ ଗରମ ଚିଠି, ଦାରୁଣ ଓ କରୁଣ, ବହୁ କିସମର। କେତେବେଳେ ଯେ କି ଚିଠି ଆସିବ, କିଛି ତ ଠିକ୍ ନାହିଁ- ଏ ବିଷୟରେ ଡାକବାଲାକୁ ବିଶ୍ବାସ କରାଯାଇପାରେନା। ମଲା ଲୋକକୁ ଜଣାଇ ଦେବ, ଜିଇଁଲା ଲୋକ ନଥିବା କେହି ଯଦି ନିର୍ବାଣ ପାଇଁ ସାଧନା କରିବାକୁ

Powered by Tekons

ଚିଠି

କବି ରଘୁନାଥ ଦାସ

ଚାହେଁ, ତାର ଉଚିତ୍ ହେଉଚି ଖାମ୍‌ଟା ନ ଖୋଲିବା । ନ ଖୋଲିବା ଯାଏ ସବୁ ନିର୍ବେଦ, ସୁଖ ନାହିଁ, ଦୁଃଖ ନାହଁ ,ହସ ନାହିଁ, ହତାଶା ନାଇଁ। ଖୋଲିଲେ ପାଣ୍ଡୋରା ବାକ୍ସରୁ ହରେକ ରକମ ଭାବ ଓ ଭାବନା ଉଠିବ। ସେଇ ଯୋଗୁରୁ ଚଲାକ୍ କଥା ଚିଠିର ମୁଦକୁ ଆଉରି ଟାଣ କରିବା। ମୁଦା ଖାମ୍‌କୁ ହାତରେ ଧରି ବହୁତ-ମନ ମାଫି କଳ୍ପନା ଜଳ୍ପନା କରାଯାଇପାରେ ।ତମର ପ୍ରେମ ପାଇଁ ତମର ଗୌରୀ ଆହୁରି ଆତୁରା ହୋଇପାରେ। କିନ୍ତୁ ଚିଠିରେ ହୁଏତ ଆସିଛି ଗୌରୀର ଅନ୍ୟତ୍ର ବିବାହ ଉପଲକ୍ଷେ ରଚିତ କବିତା, ସେ ସବୁର ଦଂଶନରେ ତୁମେ ମର୍ମାହତ ହୋଇପଡ଼ିବ। ନଜାଣିଲା ଯାଏଁ ସବୁ ଭଲ। ଯୋଉ ମାଆମାନେ ପୁଅଠୁ ଭାଷା ନ ପାଇ ବୃନ୍ଦାବତୀଙ୍କଠି ଘିଅ ଦୀପ ଜାଳନ୍ତି, ତାଙ୍କ ଜପମନ୍ତ୍ର ପରି ମନେ ରଖିବା କଥା ଯେ ଚିଠି ନ ଆସିବାଠୁ ଶୁଭ ଖବର ଆଉ ନାହିଁ। ଭାଷା ଆସିବାମାନେ ପୁଅର ଦିହମୁଣ୍ଡରେ କିଛି ନା କିଛି ଅଭାବ ହେଇଛି, ସେ ଲେଖିବାକୁ ସୁଯୋଗ ପାଇଛି ।

ବାଃ, ମୁଁ ତ ପୋଷ୍ଟକାର୍ଡ଼ ଖଣ୍ଡେ ପୂରଣ କରିବାକୁ ମୁଣ୍ଡ କଚାଡ଼ି ହେଉଥିଲି। ଏବେ କ'ଣ ଚିଠି ବିଷୟରେ ଗାଦିଏ କହିଲିଣି-? ଛ ପଇସାରେ ଯିବ କି ନାହିଁ ସନ୍ଦେହ । ହଉ ତେବେ, ଆଜି ଏତିକି। ରହିଲି।

www.jatayu.org